ସମାଜ
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM
■ Cuttack, Monday 2 September 2019 ★ ■ କଟକ, ସୋମବାର ୨ ସେପ୍ଟେମ୍ବର ୨୦୧୯ ■ www.thesamaja.com www.samajaepaper.com www.samajalive.in ଟ ୬.୦୦ (୨୦ ପୃଷ୍ଠା)

# ବିଜିୟୁ ପକ୍ଷରୁ ଜାତୀୟ ଆଲୋଚନାଚକ୍ର



ଭୁବନେଶ୍ୱର ,୩୧।୮: ବିର୍ଲା ଗ୍ଲୋବାଲ ୟୁନିଭରସିଟି(ବିଜିୟୁ)ର ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ 'ଇଣ୍ଡିଆନ୍ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ : ସୁଯୋଗ ଏବଂ ଆହ୍ୱାନ' ସମ୍ପର୍କୀତ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ବିଜିୟୁର କୁଳପତି ଡ. ସୁଧାକର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ମିଟସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ବର୍ତ୍ତମାନ ସମୟରେ ଉଦ୍ୟୋଗୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍କିଲ୍‌ପ୍ରୋର ଜୟଦୀପ ରକ୍ଷିତ ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନୂତନ ପିଢିର ଉଦ୍ୟୋଗୀମାନଙ୍କ ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ବିଜିୟୁର ଡିନ୍ ଡ. ପରମେଶ୍ୱର ନାୟକ, ଟେଟ୍ରାହେଡ୍ରୋନ୍ ମ୍ୟାନୁଫାକଚରିଂ ସର୍ଭିସେସ୍‌ର ଆଲୋକ ସାହୁ ,ଟ୍ରିନିଟି ସ୍କୋଡାର ଶ୍ରୀଲୋକ ମହାପାତ୍ର, ଭିଲ୍ଲା ମାର୍ଟର ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୧୯ (୨୦ ପୃଷ୍ଠା) Bhubaneswar, Tuesday, September 3/2019 ★★★★★★

# ବିଜିୟୁରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସଂକ୍ରାନ୍ତ ସେମିନାର

**ଭୁବନେଶ୍ୱର, ୨।୯ (ବ୍ୟୁରୋ)**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଇଣ୍ଡିଆନ ଷ୍ଟାର୍ଟ ଅପ୍ ଇକୋସିଷ୍ଟମ:ସୁଯୋଗ ଏବଂ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରକୁ କୁଳପତି ଡ.ସୁଧାକର ପଣ୍ଡା ଉଦ୍‌ଘାଟନ କରିଥିଲେ। ମିଟସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉଦ୍ୟୋଗୀଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି ପଣ୍ଡା ଏଥିରେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ପିଢିର ଉଦ୍ୟୋଗୀମାନଙ୍କର ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି ସ୍କିଲ୍‌ପ୍ରୋର ଜୟଦୀପ ରକ୍ଷିତ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜିୟୁର ଡିନ୍ ଡ.ପରମେଶ୍ୱର ନାୟକ, ଟେଟ୍ରାହେଡ୍ରୋନ ମାନୁଫାକଚରିଂ ସର୍ଭିସେସ୍‌ର ଆଲୋକ ସାହୁ, ଟ୍ରିନିଟି ସ୍କୋଡାର ଶ୍ରୀଲୋକ ମହାପାତ୍ର, ଭିଲ୍ଲା ମାର୍ଟର ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।



f prameyaodia  prameyaodia  www.prameyanews.com
RNI REGD NO: ODIODI/2011/37619 - POSTAL REGD NO: BN/208/18-20
# ପ୍ରମେୟ
THE PRAMEYA
VOLUME 9 • ISSUE 124 • BHUBANESWAR
ବର୍ଷ ୯ • ସଂଖ୍ୟା ୧୨୪ • ଭୁବନେଶ୍ୱର
PRINTED AT BHUBANESWAR SAMBALPUR PANIKOILI | 3 SEPTEMBER 2019 • TUESDAY | ୩ ସେପ୍ଟେମ୍ବର ୨୦୧୯ • ମଙ୍ଗଳବାର | • 20 PAGES | ₹5.00

# ବିଜିୟୁରେ ଇଣ୍ଡିଆନ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଆଲୋଚନାଚକ୍ର




ଭୁବନେଶ୍ୱର,୨୯(ବ୍ୟୁରୋ):ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ଅଧୀନ ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ 'ଇଣ୍ଡିଆନ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍:ସୁଯୋଗ ଓ ଆହ୍ୱାନ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଜିୟୁର କୁଳପତି ଡ. ସୁଧାକର ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଏମ୍‌ଆଇଟିଏସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ବର୍ତ୍ତମାନ ସମୟରେ ଉଦ୍ୟୋଗୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି କହିଥିଲେ। ସ୍କିଲସପ୍ରୋର ଜୟଦୀପ ରକ୍ଷିତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନୂତନ ପିଢ଼ିର ଉଦ୍ୟୋଗୀମାନଙ୍କ ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି କହିଥିଲେ। ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ କିଛି ଯୁବ ଉଦ୍ୟୋଗୀ ଯୋଗ ଦେଇ ନିଜ ଅଭିଜ୍ଞତା ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ସ୍ୱାଗତ କିଶୋର ମିଶ୍ର ପରିଚାଳନା କରିଥିବାବେଳେ ଡ. ସୁଜିତ କୁମାର ପାତ୍ର ଏବଂ ଡ. ସନ୍ଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରୟୋବିଂଶ ବର୍ଷ
ସଂଖ୍ୟା : ୩୨୮
୧୯୪୦ ଶକାବ୍ଦ
ତିଥି : ତୃତୀୟା
୦୨ ସେପ୍ଟେମ୍ବର ୨୦୧୯, ସୋମବାର
ଭୁବନେଶ୍ୱର
ପୃଷ୍ଠା-୧୬, ମୂଲ୍ୟ- ଟ. ୪.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIII, No. 328
02 September 2019, Monday
Bhubaneswar
Price: 4.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଇଣ୍ଡିଆନ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ : ସୁଯୋଗ ଏବଂ ଆହ୍ୱାନ ଆଲୋଚନାଚକ୍ର




ଭୁବନେଶ୍ୱର (ସମୟ) : ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱରର ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଇଣ୍ଡିଆନ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ : ସୁଯୋଗ ଏବଂ ଆହ୍ୱାନ ସଂପର୍କୀତ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରକୁ ବିଜିୟୁର କୁଳପତି ଡଃ ସୁଧାକର ପଣ୍ଡା ଉଦ୍ଘାଟନ କରିଥିଲେ । ଏଥିରେ ଏମ୍ଆଇଟିଏସ୍ ଫୁଡ୍ ପାର୍କର ପରିଚାଳନା ନିର୍ଦ୍ଦେଶକ ଶ୍ରୀରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ପଣ୍ଡା ବର୍ତ୍ତମାନ ସମୟରେ ଉଦ୍ୟୋଗୀମାନଙ୍କୁ ମିଳୁଥିବା ସୁବିଧା ସୁଯୋଗକୁ ଉପଯୋଗ କରି ଏକ ପରିବର୍ତ୍ତନଶୀଳ ସମାଜର ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସ୍କିଲ୍ସ୍ପ୍ରୋର ଜୟଦୀପ ରକ୍ଷିତ, ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ନୂତନ ପିଢ଼ିର ଉଦ୍ୟୋଗୀମାନଙ୍କ ଚିନ୍ତାଧାରା ବ୍ୟବହାରିକ ସମସ୍ୟାର ସମାଧାନ ଦିଗରେ ବିନିଯୋଗ ହେବା ଉଚିତ ବୋଲି କହିଥିଲେ । । ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡଃ ପରମେଶ୍ୱର ନାୟକ ଏହି ଅବସରରେ ସଫଳ ଉଦ୍ୟୋଗୀ ହେବାକୁ ସାମ୍ନା କରୁଥିବା ସମସ୍ୟା, ସଂଘର୍ଷ ଏବଂ ଅସଫଳତାର କାହାଣୀ ଏକ ସଫଳ ଉଦ୍ୟୋଗୀ ହେବାକୁ ବାଟ କଢେଇପାରିବ ବୋଲି କହିଥିଲେ ।ଏହି ଆଲୋଚନାଚକ୍ରରେ କିଛି ଯୁବ ଉଦ୍ୟୋଗୀ ଯୋଗଦେଇ ନିଜର ଅଭିଜ୍ଞତା ବାଣିଥିଲେ । ଏମାନଙ୍କ ମଧ୍ୟରେ ଟେଷ୍ଟାହେଲ୍ଥୋନ, ମ୍ୟାନୁଫ୍ୟାକ୍ଚରିଂ ସର୍ଭିସେସ୍ର ଆଲୋକ ସାହୁ ,ଟ୍ରିନାଟି ଷ୍ଟୋରର ଶ୍ରୀଲୋକ ମହାପାତ୍ର, ଲିଲ୍ଲା ମାର୍ଟର ଉମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଦ୍ୱିତୀୟ ଭାଗରେ ଇଣ୍ଡିଆନ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ : ସୁଯୋଗ ଏବଂ ଆହ୍ୱାନ ସମ୍ପର୍କୀୟ ଏକ ପ୍ୟାନେଲ୍ ଡିସ୍କସନ୍ ହୋଇଥିଲା ଯେଉଁଥିରେ ୟୁସିସିଆଇର ପୂର୍ବତନ ଡିଜି ରାଜେନ୍ ପାତ୍ରୀ ,ମାଇଣ୍ଡସ୍ ଟେକ୍ନୋଲୋଜିସ୍ ପ୍ରାଃ ଲି.ର ମୁଖ୍ୟ ସିଦ୍ଧାନ୍ତ ଶ୍ରୀକାନ୍ତ ପଣ୍ଡା ଯୋଗଦେଇଥିଲେ । ଏହି ଆଲୋଚନାଚକ୍ରକୁ ପ୍ରଫେସର ସ୍ୱାଗତ କିଶୋର ମିଶ୍ର ପରିଚାଳନା କରିଥିବା ସହ ଡଃ ସୁଜିତ କୁମାର ପାତ୍ର ଉପସ୍ଥାପନା ଏବଂ ଡଃ ସନ୍ଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଶିଳ୍ପସଂସ୍ଥାର ପ୍ରାୟ ୪୦ଜଣ ପ୍ରତିନିଧି ଯୋଗଦେଇଥିଲେ ।